ଆଲବର୍ଟ ଆଇନଷ୍ଟାଇନ ୧୮୯୭ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ୧୪ ତାରିଖ ଦିନ ଜର୍ମାନର ଉଲମ ସହରରେ ଗୋଟିଏ ଇହୁଦୀ ପରିବାରରେ ଜନ୍ମ ହୋଇଥିଲେ । ତାଙ୍କର ପିତାମାତା ମ୍ୟୁନିକ ସହରକୁ ଉଠି ଆସିଲେ ଓ ଆଇନଷ୍ଟାଇନଙ୍କ ପ୍ରାଥମିକ ଶିକ୍ଷା ଏଇଠି ଆରମ୍ଭ ହେଲା । ପ୍ରାଥମିକ ଶିକ୍ଷା ସାରି ସେ ହାଇସ୍କୁଲକୁ ଗଲେ । ଜର୍ମାନର ଗତାନୁଗତିକ ଶିକ୍ଷା ପଦ୍ଧତି ତାଙ୍କୁ ଭଲ ଲାଗୁ ନଥିଲା । ଆଇନଷ୍ଟାଇନକୁ ପନ୍ଦର ବର୍ଷ ହୋଇଥିବା ବେଳେ ତାଙ୍କର ଜଣେ ଶିକ୍ଷକ ତାଙ୍କୁ ଡାକି କହିଲେ " ଆଇନଷ୍ଟାଇନ ତୁମେ ଏ ସ୍କୁଲ ଛାଡି ଚାଲିଗଲେ ଭଲ ହୁଅନ୍ତା " ତାଙ୍କର ଦୋଷ କଣ ବୋଲି ଆଇନଷ୍ଟାଇନ ପଚାରିଲେ । ଦୋଷ କିଛି ନଥିଲା । ଶିକ୍ଷକ କହିଲେ " ତୁମ ଉପସ୍ଥିତିରେ ମୁଁ ପିଲାମାନଙ୍କ ସମ୍ମାନ ହରାଉଛି "। ଆଇନଷ୍ଟାଇନ ଶିକ୍ଷକମାନଙ୍କୁ ଅଡୁଆ ପ୍ରଶ୍ନସବୁ ପଚାରୁଥିଲେ ଶିକ୍ଷକମାନଙ୍କୁ ଯେପରି ଆଇନଷ୍ଟାଇନ ଭଲ ଲାଗୁ ନଥିଲେ , ଆଇନଷ୍ଟାଇନନୁ ମଧ ସ୍କୁଲ ଓ ତାର ପରିବେଶ ଭଲ ଲାଗୁନଥିଲା । ତାଙ୍କର ଘରୋଇ ଡାକ୍ତରଙ୍କ ଠାରୁ ସେ ଅସୁସ୍ଥ ଓ ଯିବା ଯିବାକୁ ଅକ୍ଷମବୋଲି ଗୋଟିଏ ସାର୍ଟିଫିକେଟନି ଆଇନଷ୍ଟାଇନ ସ୍କୁଲ ଯିବା ବନ୍ଦ କଲେ । ସୁଇଜରଲ୍ୟାଣ୍ଡର ଜୁରିଚ ଠାରୁ ବିଖ୍ୟାତ ଫେଡେରାଲ ଇନଷ୍ଟିଚ୍ୟୁଟ ଅଫ ଟେକନୋଲୋଜିରେ ତାଙ୍କର ପରବର୍ତ୍ତୀ ଶିକ୍ଷା ଆରମ୍ଭ ହେଲା । ଏ ଅନୁଷ୍ଠାନ ସ୍ୱାଧୀନ ବାତାବରଣ ଆଇନଷ୍ଟାଇନଙ୍କୁ ଭଲ ଲାଗିଲା ଓ ଚାରିବର୍ଷ ପରେ ୧୯୦୦ ଖ୍ରୀଷ୍ଟାବ୍ଦରେ ସେ ଏଇ ଅନୁଷ୍ଠାନରୁ ଡିଗ୍ରୀ ପାଇଲେ ।

## ଆଇନଷ୍ଟାଇନଙ୍କୁ ବିଜ୍ଞାନ ଗବେଷଣା କରିବାକୁ ସୁଯୋଗ

ଆଇନଷ୍ଟାଇନଙ୍କ ଆର୍ଥିକ ଅବସ୍ଥା ଖରାପ ଥିଲା । ଯେଉଁ ଅନୁଷ୍ଠାନରୁ ପାସ କଲେ ସେଠାକାର ଅଧ୍ୟାପକମାନଙ୍କ ସହିତ ତାଙ୍କର ସୁସମ୍ପର୍କନ ଥାଏ । ତେବେ ଜଣେ ଅଧ୍ୟାପକ ତାଙ୍କୁ ଭଲ ପାଉଥିଲେ ଓ ତାଙ୍କ ଚେଷ୍ଟା ଫଳରେ ସେ ଗୋଟିଏ ଅଫିସରେ କିରାଣୀ ଚାକିରି ଖଣ୍ଡେ ପାଇଲେ । ଏ ଅଫିସରେ କାମ କମ । ଆଇନଷ୍ଟାଇନଙ୍କ ବିଜ୍ଞାନ ଗବେଷଣା ପାଇଁ ସୁଯୋଗ ମିଳିଲା । ୧୯୦୫ ଖ୍ରୀଷ୍ଟାବ୍ଦରେ ଆଇନଷ୍ଟାଇନଙ୍କୁ ବିଜ୍ଞାନ ଗବେଷଣା କରିବାକୁ ସୁଯୋଗ ମିଳିଲା ।

୧୯୦୫ ଖ୍ରୀଷ୍ଟାବ୍ଦରେ ଆଇନଷ୍ଟାଇନ ଙ୍କର ପଞ୍ଚୋଟି ଗବେଷଣା ନିବନ୍ଧ ପ୍ରକାଶ ପାଇଲା । ଏମାନଙ୍କର ମୂଲ୍ୟ ଅକାଳୀୟ ତେବେ ଏମାନଙ୍କର ମୂଲ୍ୟ ହୃଦୟଙ୍ଗମ କରିବାକୁ ପୃଥିବୀର ଶ୍ରେଷ୍ଠ ବିଜ୍ଞାନୀମାନଙ୍କୁ କିଛି

www.orissatimes.net

ବର୍ଷ ଲାଗିଲା । ପଞ୍ଚୋଟି ନିବନ୍ଧ ମଧ୍ୟରୁ ଗୋଟିକର " ଫଟୋ ଇଲେକଟ୍ରିକ ଏଫେକଟ " ର ବ୍ୟାଖ୍ୟା ହୋଇଛି । ବାକିଗୁଡିକ " ସ୍ପେଶାଲ ଥିଓରୀ ଅଫ ରିଲେଟିଭିଟି " ସମ୍ପର୍କରେ ।

ମାତ୍ର ଛବିଶ ବର୍ଷ ବୟସରେ ଗୋଟିଏ ବର୍ଷ ମଧ୍ୟରେ ଆପେକ୍ଷିକ ତତ୍ତ୍ୱ ଓ "ଫଟୋ ଇଲେକଟ୍ରନ ଏଫେକଟ " ର ବ୍ୟାଖ୍ୟା କରିବା ଯାହାଙ୍କ ପକ୍ଷରେ ସମ୍ଭବ , ତାକୁ ପୃଥିବୀର ସର୍ବଶ୍ରେଷ୍ଠ ବିଜ୍ଞାନୀର ସମ୍ମାନ ମିଳିବା ସ୍ୱାଭାବିକ । ନିଉଟନ ଙ୍କୁ ବାଦ ଦେଲେ ଆଉ କୌଣସି ବିଜ୍ଞାନୀଙ୍କୁ ଆଇନଷ୍ଟାଇନଙ୍କ ସହିତ ସମାନ ଆସନରେ ବିଜ୍ଞାନଗଣ ବସାଇନାହାନ୍ତି ।

## ପୁରସ୍କାର

ସମଗ୍ର ପୃଥିବୀ ଆଇନଷ୍ଟାଇନଙ୍କ ବିଖ୍ୟାତ ଆପେକ୍ଷିକ ବାଦର ଜନକ ବୋଲି ଜାଣେ । ମାତ୍ର ଆଇନଷ୍ଟାଇନ ଆପେକ୍ଷିକ ବାଦ ପାଇଁ ନୋବେଲ ପୁରସ୍କାର ପାଇନାହାନ୍ତି । ନୋବେଲ ପୁରସ୍କାର ପାଇଛନ୍ତି ଫଟୋ ଇଲେକଟ୍ରିକ ଏଫେକଟର ବ୍ୟାଖ୍ୟା କରିଥିବା ପାଇଁ । ଏହାର କାରଣ , ଆପେକ୍ଷିକ ବାଦର ଗୁରୁତ୍ୱ ବୁଝିବାକୁ ବିଜ୍ଞାନୀମାନେ ଅଧିକ ସମୟ ନେଲେ ।

## ଆଇନଷ୍ଟାଇନଙ୍କ ବିଭିନ୍ନ ଗବେଷଣା

୧୯୦୦ ଖ୍ରୀଷ୍ଟାବ୍ଦରେ ଜର୍ମାନ ବିଜ୍ଞାନୀ ପ୍ଲାଙ୍କ ଯେଉଁ କ୍ୱାଣ୍ଟମ ଧାରଣା ବଢିଲେ, ତାହା ଆଧୁନିକ ବିଜ୍ଞାନର ମୂଳସ୍ତମ୍ଭ କହିଲେ ଅତ୍ୟୁକ୍ତି ହେବ ନାହିଁ । ପ୍ଲାଙ୍କ କହିଲେ ଆଲୋକ ଅତିକ୍ଷୁଦ୍ର ଶକ୍ତି ପ୍ୟାକେଟମାନଙ୍କର ସୁଅ । ଗୋଟିଏ ଶକ୍ତି ପ୍ୟାକେଟରୁ ସେ କ୍ୱାଣ୍ଟା ନାମ ଦେଇଥିଲେ । ପ୍ରକୃତି ଏକ କ୍ୱାଣ୍ଟା , ଦୁଇ କ୍ୱାଣ୍ଟା, ତିନି କ୍ୱାଣ୍ଟା ....... ମୋଟ ଉପରେ ପୂର୍ଣ୍ଣ ସଂଖ୍ୟା ବିଶିଷ୍ଟ କ୍ୱାଣ୍ଟା ଶକ୍ତି ଚାଲାଣର ବ୍ୟବସ୍ଥା କରିଛି । ଦେଢ କ୍ୱାଣ୍ଟା ଶକ୍ତି ନାହିଁ । ପ୍ଲାଙ୍କଙ୍କର ଏହି ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱର ପ୍ରଥମ ପ୍ରୟୋଗ କରିଥଲେ ଆଇନଷ୍ଟାଇନ । ଆଇନଷ୍ଟାଇନ କହିଲେ ଆଲୋକରଶ୍ମୀ ସତେ କି ଗୁଳିମାନଙ୍କର ସୁଅ । ଗୋଟିଏ ଗୁଳିର ନାମ ରଖିଲେ ଫୋଟନ । ଅଧା ପୋଟନ ନାହିଁ ଓ ଫୋଟନକୁ ଭାଙ୍ଗିବା ଅସମ୍ଭବ ।

ଫଟୋ ଇଲେକଟ୍ରିକ ଏଫେକଟ କ' ଣ ? ଜର୍ମାନ ବିଜ୍ଞାନୀ ଫିଲିପ ଲେନାର୍ଡ ପରୀକ୍ଷା କରି ଦେଖାଇଥିଲେ ଯେ ଗୋଟିଏ ଧାତବ ପୃଷ୍ଠ ଉପରେ ଆଲୋକପାଟ କରାଇଲେ ଇଲେକଟ୍ରନମାନେ ପୃଷ୍ଠତ୍ୟାଗ କରନ୍ତି । ଏହା ଫଟୋ ଇଲେକଟ୍ରନ ଏଫେକଟ ଓ ଏହି ଆବିଷ୍କାର ପାଇଁ ଲେନାର୍ଡଙ୍କୁ ୧୯୦୫ ରେ ନୋବେଲ ପୁରସ୍କାର ମିଳିଥିଲା । ଲେନାର୍ଡଙ୍କ ଆବିଷ୍କାର ପରେ ଏ ସମ୍ବନ୍ଧରେ ଅଧିକ ପରୀକ୍ଷା କରି ବିଜ୍ଞାନୀମାନେ ପ୍ରହେଳିକା ଜାଲରେ ଛନ୍ଦି ହୋଇଗଲେ । ସେମାନେ ଦେଖିଲେ ଯେ ଆଲୋକ ରଶ୍ମୀର ତୀବ୍ରତା ବଢାଇଲେ ଧାତବ ପୃଷ୍ଠ ତ୍ୟାଗ କରୁଥିବା ଇଲେକଟ୍ରନନ ସଂଖ୍ୟା ବଢୁଛି କିନ୍ତୁ ସେମାନଙ୍କର ବେଗ ବଢୁନାହିଁ । କେବଳ ଆଲୋକରଶ୍ମୀର ରଙ୍ଗ ବଦଳିଲେ ପୃଷ୍ଠ ତ୍ୟାଗୀ ଇଲେକଟ୍ରନଙ୍କ ବେଗରେ ପରିବର୍ତ୍ତନ ହେଉଛି । ଉଦାହରଣ ସ୍ୱରୂପ , ନୀଳ ଆଲୋକ ଦ୍ୱାରା ଧାତବ ପୃଷ୍ଠ ରୁ ଛିଡୁଥିବା ଇଲେକଟ୍ରନ ବେଗ ପୀତ ଆଲୋକ ଦ୍ୱାରା ବିତାଡିତ ଇଲେକଟ୍ରନଙ୍କ ବେଗ ଅପେକ୍ଷା ଅଧିକ । ଏହାର କାରଣ ବୁଝାଇ ଆଇନଷ୍ଟାଇନ କହିଲେ ଯେ ସବୁ ରଙ୍ଗର ଆଲୋକଙ୍କର ଫୋଟନ ସମାନ ଭାବେ ଶକ୍ତିଶାଳି ନୁହନ୍ତି । ଯେପରି ଅଧିକ ଶକ୍ତିଶାଳି ଗୋଳାର ପ୍ରଭାବ ଅଧିକ ହୋଇଥାଏ , ସେହିପରି ପୀତ ରଶ୍ମୀର ଫୋଟନ ତୁଳନାରେ ଅଧିକ ଶକ୍ତି ସମ୍ପର୍ଣ୍ଣ ନୀଳ ରଶ୍ମୀର ଫୋଟନ ଧାତବ ପୃଷ୍ଠରୁ ଇଲେକଟ୍ରନ ଅଧିକ ବେଗରେ ବିତାଡିତ କରେ । ଧାତବ ପୃଷ୍ଠରେ ଅଧିକ ପରିମାଣର ପୀତ ରଶ୍ମୀ ପକାଇଲେ ଅଧିକ ସଂଖ୍ୟକ ପଇଡ ଫୋଟନ ଅଧିକ ଇଲେଟଟ୍ରନଙ୍କୁ ଧକ୍କା ଦେବା ଫଳରେ ଅଧିକ ସଂଖ୍ୟକ ଇଲେକଟ୍ରନ ପରିତ୍ୟାଗ କରିବେ କିନ୍ତୁ ଇଲେକଟ୍ରନର ବେଗ ବଢିବାର କୌଣସି କାରଣ ନାହିଁ । ରଙ୍ଗ ବଦଳିଲେ ଯାଇ ପୃଷ୍ଠତ୍ୟାଗ କରୁଥିବା ଇଲେକଟ୍ରନ ବେଗ ବଦଳିଥାଏ ।

ଆପେକ୍ଷିକ ବାଦ ଅନୁସାରେ ଆଲୋକର ବେଗ ସର୍ବାଧିକ । ଆଲୋକ ଏକ ସେକେଣ୍ଡରେ ୧୮୬୦୦୦ ମାଇଲ ଦୁରତ୍ୱ ଅତିକ୍ରମ କରେ । କୌଣସି ବସ୍ତୁ ଆଲୋକ ଠାରୁ ଅଧିକ ବେଗରେ ଗତି କରିପାରିବ ନାହିଁ । ଆଲୋକର ବେଗ ଆପେକ୍ଷିକ ନୁହେଁ , ପରମ । “ ଆପେକ୍ଷିକ “ ପରମ ପ୍ରଭେଦ ବୁଝିବା ପାଇଁ ନିମ୍ନୋକ୍ତ ଦୃଷ୍ଟାନ୍ତଟି ସାହାଯ୍ୟ କରିବ । ମନେକର ଦୁଇଟି ସମାନ୍ତରାଳ ରାସ୍ତାରେ ଦୁଇଟି କାର ଚାଲୁଛନ୍ତି । ଗୋଟିକର ବେଗ ଶହେ କିଲୋମିଟର, ଆଉ ଗୋଟିକର ୮୦ କିଲୋମିଟର ।

www.orissatimes.net

ଦ୍ୱିତୀୟ କାରରେ ଥିବା ଦର୍ଶକ ଦେଖି ଯେ ପ୍ରଥମ କାରଟି ୧୦୦ -୮୦ = ୨୦ କିଲୋମିଟର ବେଗରେ ଧାଉଁଛି । ମାତ୍ର ଯଦି ପ୍ରଥମ କାରଟି ଆଲୋକ ବେଗରେ ଅର୍ଥାତ ସେକେଣ୍ଡକୁ ୧୮୬୦୦ ମାଇଲ ବେଗରେ ଛୁଟୁଥାଏ , ଦ୍ୱିତୀୟ କାରଟି ସେକେଣ୍ଡକୁ ୧୮୦୦୦ ମାଇଲ ବେଗରେ ଧାଇଁଥାଏ , ତେବେ ଦ୍ୱିତୀୟ କାରର ଦର୍ଶକ ପାଇଁ ପ୍ରଥମକାରଟି ୧୮୬୦୦ ମାଇଲ ବେଗରେ ହିଁ ଛୁଟୁଥିବ , ୬୦୦୦ ମାଇଲ ବେଗରେ ନୁହେଁ ।

ଆମ ପୃଥିବୀବାସୀଙ୍କ ପାଇଁ କାଳ ସମାନ ବେଗରେ ବହିଚାଲିଛି । ଆଇନଷ୍ଟାଇନ କହିଲେ କାଳ ଆପେକ୍ଷିକ । ଅତି ଦ୍ରୁତ ଗତିରେ ପରସ୍ପର ଠାରୁ ଦୂରେଇ ଯାଉଥିବା ବ୍ୟକ୍ତିଙ୍କ ପାଇଁ କାଳ ସମାନ ବେଗରେ ବହେ ନାହିଁ । ପୃଥିବୀ ବାସିନ୍ଦାମାନେ ପ୍ରାୟ ସ୍ଥିର ଥିବାରୁ ସମସ୍ତଙ୍କ କାଳ ସମାନ । ଧରାଯାଉ ତୁମେ ଗୋଟିଏ ମହାକାଶଯାନରେ ସେକେଣ୍ଡକୁ ୧୬୬୦୦୦ ମାଇଲ ବେଗରେ (ଏତେ ଦ୍ରୁତଗାମୀ ମହାକାଶଯାନ ବର୍ତ୍ତମାନ ମଣିଷର କଳ୍ପନାନୀତ ) ପୃଥିବୀ ଛାଡିଲ ଓ ଦଶ ବର୍ଷ ପରେ ପୃଥିବୀକୁ ଫେରି ଆସିଲ । ତୁମେ ଦେଖିବ ଯେ ପୃଥିବୀରେ ପଚାଶ ବର୍ଷ ବୀତିଯାଇଛି ଓ ତୁମ ସାଙ୍ଗମାନେ ବୁଢା ହୋଇଯାଇଛନ୍ତି । ତୁମ ମହାକାଶଯାନ ଯଦି ଅଧିକ ଦ୍ରୁତଗ୍ରାମୀ ହୋଇଥାଏ ତେବେ ତୁମର ଦଶବର୍ଷ ପୃଥିବୀର ପଚାଶ ଠାରୁ ଅଧିକ ହେବ ।

କେବଳ କାଳ ଆପେକ୍ଷିକ ନୁହେଁ , ଦୈର୍ଘ୍ୟ ଓ ବସ୍ତୁତ୍ୱ ମଧ୍ୟ ଆପେକ୍ଷିକ । ସ୍ଥିର ଥିବା ଜଣେ ପର୍ଯ୍ୟବେକ୍ଷଣ ଆଡକୁ ଦ୍ରୁତ ବେଗରେ ଆଗେଇ ଆସୁଥିବା ଗୋଟିଏ ବସ୍ତୁର ଦୈର୍ଘ୍ୟ ଛୋଟ ହୋଇଯାଏ ଏବଂ ତାର ବସ୍ତୁତ୍ୱ ବଢିଯାଏ ।

ଆଇନଷ୍ଟାଇନ ଆପେକ୍ଷିକବାଦର ଗୋଟିଏ ଅତି ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ହେଉଛି ଯେ ବସ୍ତୁତ୍ୱ (ମାସ) ଓ ଶକ୍ତି (ଏନର୍ଜି ) ଅଭିନ୍ନ । ଯଦି ଗୋଟିଏ ବସ୍ତୁର ବସ୍ତୁତ୍ୱ m ହୁଏ ତେବେ ତାହା m ଶକ୍ତି ସହିତ ସମାନ । c ହେଉଛି ଆଲୋକର ବେଗ । ଆଇନଷ୍ଟାଇନଙ୍କ ସମୀକରଣ ଅନୁସାରେ E = m, E ଶକ୍ତି । ସି ଖୁବ ବଡ ସଂଖ୍ୟା ଅସମ୍ଭବ ଭାବେ ବଡ । ଆଇନଷ୍ଟାଇନଙ୍କ ସମୀକରଣ ଅନୁସାରେ ଅତି ଅଳ୍ପ ବସ୍ତୁ

www.orissatimes.net

ଅକଳ୍ପନୀୟ ଶକ୍ତିର ଭଣ୍ଡାର । ତାଙ୍କରି ଠାରୁ ସୂତ୍ର ପାଇ ପରମାଣୁ ବୋମା ତିଆରି ହୋଇଛି । ଅଳ୍ପ ୟୁରାନିୟମ ବା ରେଡିୟମକୁ ଶକ୍ତିରେ ରୂପାନ୍ତର କଲେ ତାହା ଏକ ବିରାଟ ଅଞ୍ଚଳକୁ ନିମିଷକେ ପାଉଁଶ କରିଦେବ । ମାତ୍ର ୟୁରାନିୟମ ରେଡିୟମ ପରି ତେଜସ୍କ୍ରିୟ ବସ୍ତୁ ଅପେକ୍ଷାକୃତ ସହଜରେ ଶକ୍ତିରେ ରୂପାନ୍ତରିତ ହୋଇପାରେ । ପ୍ରଚଣ୍ଡ ତାପରେ ବସ୍ତୁ ଶକ୍ତିରେ ରୂପାନ୍ତରିତ ହେଉଥାଏ । ଯେପରିକି ନକ୍ଷତ୍ରଙ୍କ ଗର୍ଭ ଆମ ସୂର୍ଯ୍ୟ ଗର୍ଭରେ ଯଦି ସାଧାରଣ ଇନ୍ଧନ (କାଠ , କୋଇଲା ବା ପେଟ୍ରୋଲ ) ଜଳୁଥାଆନ୍ତା ; ତେବେ ସବୁ ଇନ୍ଧନ ସରନ୍ତାଣୀ ଓ ସୂର୍ଯ୍ୟ କେବେଠାରୁ ଥଣ୍ଡା ହୁଅନ୍ତାଣୀ । ମାତ୍ର ସୂର୍ଯ୍ୟ ଗର୍ଭର ପ୍ରଚଣ୍ଡ ତାପରେ ଅଳ୍ପ ଉଦଜାନ ପରମାଣୁ ଜଳି ସୌରଜଗତକୁ ଆଲୋକ ଓ ଉତ୍ତାପ ସୂର୍ଯ୍ୟ ୫୦୦ କୋଟି ବର୍ଷ ହେବ ଯୋଗାଉ ଆସୁଛି ଓ ଆଉ ସାତସହ କୋଟି ବର୍ଷ ଯୋଗାଇବ । ତେବେ ପୃଥିବୀ ଆଉ ସାତଶହ ବର୍ଷ ନଥିବ । ସୂର୍ଯ୍ୟର ଆକାର ବଢୁଛି ଓ ସାତବର୍ଷ କୋଟି ବର୍ଷ ଅନେକ ପୂର୍ବରୁ ପୃଥିବୀ ସୂର୍ଯ୍ୟ ଗର୍ଭକୁ ଚାଲିଯାଇଥିବ । ତେବେ ମଣିଷର କିଛି ଚିନ୍ତା କରିବାର ନାହିଁ । କୋଟିଏ ବର୍ଷ ଦୂରର କଥା , ଲକ୍ଷ ବର୍ଷ ଭୀତରେ ବିଜ୍ଞାନ ବଳରେ ମଣିଷ ଚଢେଇ ପରି ପୁର କିନା ଅନ୍ୟ ଗ୍ରହଟିଏ ବାଛି ଉଡିଯାଇପାରିବ ।

ସ୍ପେଶାଲ ଥିଓରୀ ଅଫ ରିଲେଟିଭିଟି କେବଳ ସରଳରେଖାରେ ଗତି କରୁଥିବା ବସ୍ତୁଙ୍କୁ ଅଧ୍ୟୟନ କରେ । ୧୯୦୫ ରୁ ବକ୍ର ପଥରେ ଗତି କରୁଥିବା ବସ୍ତୁଙ୍କୁ ଅଧ୍ୟୟନ କରିବା ଚିନ୍ତା ଆଇନଷ୍ଟାଇନ ଅଧିକାର କରିଥିଲା । ୧୯୧୬ ରେ ସେ ଜେନେରାଲ ଥିଓରୀ ଅଫ ରିଲେଟିଭିଟି ତତ୍ତ୍ୱ ପ୍ରକାଶ କଲେ । ଏହି ତତ୍ତ୍ୱରେ ଆଇନଷ୍ଟାଇନ ମାଧ୍ୟାକର୍ଷଣକୁ ନୂତନ ଦୃଷ୍ଟିକୋଣରୁ ବିଚାର କରିଛନ୍ତି ।

www.orissatimes.net